SAMAJ

# ଇଞ୍ଜିନିୟରିଂ ଓ ଡିପ୍ଲୋମା ଡିଗ୍ରୀଧାରୀଙ୍କ ପାଇଁ ଆଇଆଇପିଏମ୍‌ରେ ପ୍ରଡକ୍ସନ୍ ମ୍ୟାନେଜମେଣ୍ଟ ପାଠ୍ୟକ୍ରମର ସୁବିଧା

ରାଉରକେଲା, ୧୯।୩ (ସ.ବ୍ୟୁ.) : ରାଉରକେଲା ସହର ଉପକଣ୍ଠରେ ଅବସ୍ଥିତ ଝାଂଶବାହାଲଠାରେ ଥିବା ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ରଡକ୍ସନ୍ ମ୍ୟାନେଜମେଣ୍ଟ (ଆଇଆଇପିଏମ୍) ଶିକ୍ଷାନୁଷ୍ଠାନଟି ସମଗ୍ର ରାଜ୍ୟରେ ଏକମାତ୍ର ବୈଷୟିକ ଶିକ୍ଷାନୁଷ୍ଠାନ ଯେଉଁଠାରେ ଇଞ୍ଜିନିୟରିଂ ଏବଂ ଡିପ୍ଲୋମା ଡିଗ୍ରୀଧାରୀ ଛାତ୍ରଛାତ୍ରୀମାନଙ୍କୁ ପ୍ରଡକ୍ସନ୍ ମ୍ୟାନେଜମେଣ୍ଟ ସମ୍ପର୍କରେ ଶିକ୍ଷାଦାନ ଦିଆଯାଇଥାଏ। ଯାହାର କି ଚଳିତବର୍ଷଠାରୁ ସମସ୍ତ ପାଠ୍ୟକ୍ରମ ଏନ୍‌ଆଇଟି ରାଉରକେଲା ଦ୍ୱାରା ପରିଚାଳିତ ହେବ। ଗତକାଲି ଆଇଆଇପିଏମ୍‌ର ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂସ୍ଥାର ନିର୍ଦ୍ଦେଶକ ଏ ବସୁ ମଜୁମଦାର, ଏଲ୍ ଆଣ୍ଡ ଟିର ଉପସଭାପତି ଏ.ପି. ମିଶ୍ର, ଆଇଆଇପିଏମ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ଅନିମେଷ ରାୟ ଓ ଏନ୍‌ଆଇଟିର ମେକାନିକାଲ୍ ବିଭାଗର ପ୍ରଫେସର ଡକ୍ଟର ବି.କେ. ନନ୍ଦ ପ୍ରମୁଖ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ନିର୍ଦ୍ଦେଶକ ଶ୍ରୀ ମଜୁମଦାର କହିଲେ ସାଂପ୍ରତିକ ଶିକ୍ଷା ଚାହିଦାକୁ ଲକ୍ଷ୍ୟରଖି ଗତ ଦୁଇବର୍ଷ ହେବ ଉକ୍ତ ଆଇଆଇପିଏମ୍‌ରେ ଇଞ୍ଜିନିୟରିଂ ଓ ଡିପ୍ଲୋମା ଡିଗ୍ରୀଧାରୀ ଛାତ୍ରଛାତ୍ରୀମାନଙ୍କ ପାଇଁ ଯଥାକ୍ରମେ ପିଜି ଡିପ୍ଲୋମା ଇନ୍ ଇଞ୍ଜିନିୟରିଂ ମ୍ୟାନେଜମେଣ୍ଟ ବର୍ଷିକିଆ କୋର୍ସ ଏବଂ ଏଡ୍‌ଭାନ୍ସ ଡିପ୍ଲୋମା ଇନ୍ ମେଣ୍ଟେନାନ୍‌ସ୍ ମ୍ୟାନେଜମେଣ୍ଟ ଏଣ୍ଡ କଣ୍ଡିସନ୍ ମନିଟରିଂ ଛଅ ମାସିକିଆ କୋର୍ସ ଖୋଲାଯାଇଛି। ଉଭୟ ବିଭାଗରେ ୬୦ଟି ଲେଖାଏଁ ସିଟ୍ ରହିଛି। ଗତ ଦୁଇ ଦଶନ୍ଧି ଧରି ବିଭିନ୍ନ କଳକାରଖାନାର କର୍ମଚାରୀମାନଙ୍କୁ ଅଧିକ କୁଶଳୀ ଏବଂ କାର୍ଯ୍ୟଦକ୍ଷ କରିବା ଉଦ୍ଦେଶ୍ୟରେ ସ୍ଥାପନ ହୋଇଥିବା ଉକ୍ତ ଇନ୍‌ଷ୍ଟିଚ୍ୟୁଟ୍‌ରେ ଭାରତ ବାହାରର ମୋଟ ୮୫ଟି ଦେଶର ୧୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏଠାରେ ପ୍ରଶିକ୍ଷଣପ୍ରାପ୍ତ ହୋଇ ଦେଶବିଦେଶରେ ବହୁ ପ୍ରତିଷ୍ଠିତ ଶିଳ୍ପକ୍ଷେତ୍ରରେ କର୍ମସଂସ୍ଥା ପାଇପାରିଛନ୍ତି। ଏଲ୍‌ଆଣ୍ଡଟିର ଉପସଭାପତି ଶ୍ରୀ ମିଶ୍ର କହିଲେ ଅଳ୍ପ ଖର୍ଚ୍ଚରେ ଏଠାରେ ଛାତ୍ରଛାତ୍ରୀମାନଙ୍କୁ ଶିଳ୍ପ କାରଖାନାରେ ସାମଗ୍ରୀ ଉତ୍ପାଦନ ସମ୍ପର୍କରେ ଅଧିକ ଏବଂ ବିସ୍ତୃତ ଭାବେ ଶିକ୍ଷାଦାନ ଦିଆଯିବ। ଏନ୍‌ଆଇଟିର ପ୍ରଫେସର ଡଃ ପଣ୍ଡା କହିଲେ ଯେହେତୁ ସଂପ୍ରତି ଏନ୍‌ଆଇଟି ଭଳି ଜାତୀୟ ମାନ୍ୟତାପ୍ରାପ୍ତ ଶିକ୍ଷାନୁଷ୍ଠାନର ତତ୍ତ୍ୱାବଧାନରେ ଉକ୍ତ ଶିକ୍ଷାନୁଷ୍ଠାନର ପାଠ୍ୟକ୍ରମ ପ୍ରସ୍ତୁତ ହେବାସହ ସୁପରିଚାଳିତ ହେବ, ସେହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନେ ଏହାର ସୁଯୋଗ ନେବା ଉଚିତ୍। ଶେଷରେ ଆଇଆଇପିଏମ୍‌ର ସହକାରୀ ନିର୍ଦ୍ଦେଶକ ଡଃ ମିହିର ରଂଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।